# ପେଡ୍, ଫେକ ନ୍ୟୁଜ ଗଣତନ୍ତ୍ର ଓ ନିର୍ବାଚନ ପାଇଁ ବିପଜ୍ଜନକ

## ମୁକ୍ତ, ଅବାଧ ନିର୍ବାଚନ ଓ ଚତୁର୍ଥ ସ୍ତମ୍ଭ ଉପରେ କର୍ମଶାଳା

## ନୂଆ ଭୋଟର ପଞ୍ଜୀକରଣ ନଭେମ୍ବର ୧୫ ପର୍ଯ୍ୟନ୍ତ ବୃଦ୍ଧି

ଭୁବନେଶ୍ୱର, ୩୦।୧୦: ପେଡ୍, ଫେକ ଓ ହେଟ ନ୍ୟୁଜ ଗଣତନ୍ତ୍ର ପାଇଁ କ୍ଷତିକାରକ। ନିର୍ବାଚନକୁ ଏହା ସିଧାସଳଖ ପ୍ରଭାବିତ କରିଥାଏ। ତେଣୁ ସାମ୍ବାଦିକମାନେ ଏସବୁରୁ ଦୂରେଇ ରହିବା ସହିତ ଜନମତକୁ ବିଭ୍ରାନ୍ତ କରୁଥିବା ଶକ୍ତି ବିରୋଧରେ କଲମ ଚାଳନା କରିବା ଉଚିତ ବୋଲି ଏଠାରେ ଆୟୋଜିତ ଏକ କର୍ମଶାଳାରେ ମତ ପ୍ରକାଶ ପାଇଛି।

ଓଡ଼ିଶା ଇଲେକ୍ସନ ୱାଚ, ଏଡ଼ିଆର ଏବଂ ପିପୁଲ୍ସ କଲଚରାଲ ସେଣ୍ଟର ପକ୍ଷରୁ ଆୟୋଜିତ ମୁକ୍ତ, ଅବାଧ ନିର୍ବାଚନ ଓ ଚତୁର୍ଥ ସ୍ତମ୍ଭ ଶୀର୍ଷକ ଗଣମାଧ୍ୟମ କର୍ମଶାଳାରେ ଯୋଗଦେଇ ଆସୋସିଏସନ ଫର ଡ଼େମୋକ୍ରାଟିକ ରାଇଟ୍ସ(ଏଡ଼ିଆର)  ଟ୍ରଷ୍ଟି ଡ.ବିପୁଲ ମୁଦ୍‌ଗଲ  କହିଥିଲେ ଜନତାଙ୍କ ପଇସାରେ ସେମାନଙ୍କୁ ଭଣ୍ଡାଇବା ପାଇଁ ରାଜନୈତିକ ଦଳମାନେ ବଡ଼ ବଡ଼ ବିଜ୍ଞାପନ ହୋର୍ଡ଼ିଂ ଲଗାଉଛନ୍ତି। ଏହାଦ୍ୱାରା ନିର୍ବାଚନରେ ଲୋକମତକୁ ପ୍ରଭାବିତ କରାଯାଉଛି। ପୂର୍ବରୁ ଗଣମାଧ୍ୟମର ରାଜନୀତିକରଣ କରାଯାଉଥିଲା, ଏବେ ରାଜନୀତି ଗଣମାଧ୍ୟମକୁ ପ୍ରଭାବିତ କରୁଛି। ନେତା ବା ଦଳ ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ ପରିବର୍ତ୍ତେ ଟିଭି ଷ୍ଟୁଡ଼ିଓରେ ନିଜ ସପକ୍ଷରେ ଲୋକଙ୍କୁ ପ୍ରଭାବିତ କରୁଛନ୍ତି। ଡିଜିଟାଲ ମାଧ୍ୟମରେ ଲୋକମତକୁ ମିଛସତର ଆଶ୍ରା ନିଆଯାଇ ବିଭ୍ରାନ୍ତ କରାଯାଉଛି। ସତ୍ୟର ଅପଳାପ କରାଯାଉଛି। ସମସ୍ତେ ଗଣମାଧ୍ୟମକୁ ନିଜ ନିୟନ୍ତ୍ରଣକୁ ନେବାକୁ ଚାହୁଁଛନ୍ତି। ସେ କହିଥିଲେ ଯେ ଏବେ ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ପେଡ୍ ନ୍ୟୁଜ, ଫେକ ନ୍ୟୁଜ(ମିଛ ଖବର) ଓ ହେଟ ସ୍ପିଚ(ଘୃଣାସୂଚକ ଭାଷଣ) ଭୟଙ୍କର ବିପଦ ଆଣିଛି । ଏଗୁଡ଼ିକ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥା ପାଇଁ କ୍ଷତିକାରକ। କୌଣସି ସଭ୍ୟ ସମାଜ ଏହାକୁ ବରଦାସ୍ତ କରିବା ଉଚିତ ନୁହଁ।  ନିର୍ବାଚନ ସହିତ ଏହାର ସିଧାସଳଖ ସମ୍ପର୍କ ରହିଛି। ସାମ୍ବାଦିକମାନେ ଏହା ବିରୋଧରେ କଲମ ଚାଳନା କରି ଲୋକଙ୍କୁ ସଚେତନ କରାଇବା ଦରକାର।  ନିର୍ବାଚନ ସହିତ ଏହାର ସିଧାସଳଖ ସମ୍ପର୍କ ରହିଛି। ସାମ୍ବାଦିକ ସଂଘ, ପ୍ରେସ କ୍ଲବ ବିଶେଷ କରି ସବୁ ଗଣମାଧ୍ୟମ ଓ ସାମ୍ବାଦିକମାନେ ଗଣତାନ୍ତ୍ରିକ ଶକ୍ତି ଓ ନିର୍ବାଚନ ବ୍ୟବସ୍ଥାକୁ ଦୁର୍ବଳ କରୁଥିବାର ଏସବୁ ଶକ୍ତି ବିରୋଧରେ ସ୍ୱର ଉତ୍ତୋଳନ କରିବା ଦରକାର।

ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ରଘୁରାମ ଆର.ଆୟାର ଖବର ପରିବେଷଣ ନେଇ ଗଣମାଧ୍ୟମ ପାଇଁ ୨୦୦୪ରେ ସୁପ୍ରିମକୋର୍ଟଙ୍କ ଆଦେଶ ଅନୁସାରେ ନିର୍ବାଚନ କମିଶନ ଜାରି କରିଥିବା ନିୟମାବଳୀ ସମ୍ପର୍କରେ ଅବଗତ କରାଇଥିଲେ। ତେବେ ନିର୍ବାଚନ କମିଶନଙ୍କ ଖବର ଉପରେ କଟକଣା କେବଳ ନିର୍ବାଚନ ସମୟ ପାଇଁ ଲାଗୁ ହୁଏନି ବରଂ ବର୍ଷ ସାରା ବଳବତ୍ତର ଥାଏ ବୋଲି କହିଥିଲେ। କୌଣସି ପ୍ରାର୍ଥୀ ବା ଦଳର ନିର୍ବାଚନ ପ୍ରଚାର ଓ ପୋଷ୍ଟର ମାରିବା ଆଦି କାର୍ଯ୍ୟ ନିର୍ବାଚନ କମିଶନଙ୍କ ନିୟମାବଳି ଆଧାରରେ କରାଯିବା ଉଚିତ। ଏହାକୁ ଉଲ୍ଲଙ୍ଘନ କଲେ ଜୋରିମାନା ଓ ଜେଲ ଦଣ୍ଡର ବ୍ୟବସ୍ଥା ରହିଛି।

ଭୋଟର ସେମାନଙ୍କ ନାମ ପଞ୍ଜୀକରଣ ନିଶ୍ଚିତ କରିବା ସହିତ ବିନା ପ୍ରଲୋଭନରେ ଭୋଟ ଦେବା ପାଇଁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ କହିଥିଲେ ଯେ ପ୍ରତିବର୍ଷ ସେପ୍‌ଟେମ୍ବରରୁ ଅକ୍ଟୋବର ଭିତରେ ଭୋଟର ତାଲିକା ସଂଶୋଧନ କରାଯାଉଛି। ୨୦୧୯ ନିର୍ବାଚନର ବର୍ଷ । ତେଣୁ ୧.୧.୨୦୧୯ ସୁଦ୍ଧା ଯେଉଁମାନେ ଭୋଟ ଦେବାକୁ ଯୋଗ୍ୟ ସେମାନେ ନାମ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ। ଏଥିପାଇଁ ଆବେଦନର ତାରିଖକୁ ଆସନ୍ତା ନଭେମ୍ବର ୧୫ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ରାଜ୍ୟରେ ବୁଥ ପୁନର୍ଗଠନ ହୋଇଛି। ଗୋଟିଏ ବୁଥରେ ସର୍ବାଧିକ ୧୪୦୦ଭୋଟର ରହିବାର ବ୍ୟବସ୍ଥା ହୋଇଛି। ନିର୍ବାଚନ ବ୍ୟବସ୍ଥାକୁ ସ୍ୱଚ୍ଛ ଓ ଅବାଧ କରିବା ପାଇଁ ସବୁବେଳେ ଉଦ୍ୟମ ଜାରି ରହିଛି ଏବଂ ଏଥିପାଇଁ ସର୍ବସାଧାରଣ ନିର୍ବାଚନ କମିଶନଙ୍କ ୱେବସାଇଟରେ ମତାମତ ରଖିପାରିବେ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ଅଧ୍ୟକ୍ଷତାର କରି ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ରାଜନୈତିକ ଦଳଗୁଡ଼ିକର ପ୍ରରୋଚନାରୁ ମୁକ୍ତ ରହିବା ସହିତ ଭୋଟରଙ୍କୁ ସଚେତନ କରାଇବା ଦିଗରେ ଖବର ପରିବେଷଣ ଉପରେ ଜୋର ଦେଇଥିଲେ। ଦୂରଦର୍ଶନର ପୂର୍ବତନ ନିର୍ଦ୍ଦେଶକ ତଥା ଓଇଡ଼ବ୍ଲୁର କୋର ଟିମ ସଦସ୍ୟ ବୈକୁଣ୍ଠନାଥ ପାଣିଗ୍ରାହୀ କହିଥିଲେ ଗଣମାଧ୍ୟମ ଏବେ ସବୁଠୁ ଶକ୍ତିଶାଳୀ ମାଧ୍ୟମ । ଭଲ ଲୋକଙ୍କୁ ଭୋଟ ଦେବା ଓ ନିଶ୍ଚିତ ଭୋଟ ଦେବା ଦିଗରେ ଗଣମାଧ୍ୟମ ହିଁ ଭୋଟରଙ୍କୁ ଚେତାଇଦେଇପାରିବ।

କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ଅବସରରେ ଓଡ଼ିଶା ଇଲେକ୍ସନ ୱାଚର ସଂଯୋଜକ ରଞ୍ଜନ କୁମାର ମହାନ୍ତି କହିଥିଲେ ଯେ  ଆଗାମୀ ନିର୍ବାଚନ ପାଇଁ ବହୁ ସମସ୍ୟା ରହିଛି। ଅପରାଧ ପୃଷ୍ଠଭୂମି ନଥିବା ଲୋକଙ୍କୁ ପ୍ରାର୍ଥୀ ନକରିବାକୁ ଓଡ଼ିଶା ଇଲେକ୍ସନ ୱାଚ ପକ୍ଷରୁ ରାଜନୈତିକ ଦଳଗୁଡ଼ିକର ଦୃଷ୍ଟି ଆକର୍ଷଣ କରାଯାଉଛି। ନିର୍ବାଚନ ବ୍ୟବସ୍ଥାରେ ସଂସ୍କାର ଆଣିବା ସହିତ ମୁକ୍ତ, ଅବାଧ ନିର୍ବାଚନ ଉପରେ ସେ ଗୁରୁତ୍ୱ ଦେଇଥିଲେ। ଭୋଟରଙ୍କୁ ସଚେତନ କରାଇବା ଦିଗରେ ଗଣମାଧ୍ୟମ ହେଉଛି ପରିବର୍ତ୍ତନର ବାର୍ତ୍ତାବହ ବୋଲି ସେ ମତ ରଖିଥିଲେ।

ଏହି ଅବସରରେ ଗଣମାଧ୍ୟମର ନୈତିକ ଦାୟିତ୍ୱ ଓ ଉତ୍ତରଦାୟିତ୍ୱ ଏବଂ ମୁକ୍ତ ଅବାଧ ନିର୍ବାଚନ ଉପରେ ବିଭିନ୍ନ ଅଧିବେଶନରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସାମ୍ବାଦିକ ସମ୍ପଦ ମହାପାତ୍ର, ମନୋରଞ୍ଜନ ମିଶ୍ର, ଅଶୋକ ପ୍ରଧାନ, ସନ୍ଦୀପ ସାହୁ, ପ୍ରିୟରଞ୍ଜନ ସାହୁ, ଯତୀନ୍ଦ୍ର ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଡ.ସେବା ମହାପାତ୍ର, କ୍ଷମାକର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।